रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

राजभाषा खण्ड
विधायी विभाग
विधायी II अनुभाग
डा० सं० 977/91
तारीख 5/9/91

| | | | | | | | |
|---|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 | (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 | (ଶକ) | ଗ୍ରନ୍ଥଖଣ୍ଡ 1 |

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଜାତିଗତ ନିର୍ଯୋଗ୍ୟତା ଅପସାରଣ ଅଧିନିୟମ, 1850

## 1850ର ଅଧିନିୟମ ସଂ 21

**ବଙ୍ଗଳା ସଂହିତାର 1832ର ବିନିୟମ VIIର ଧାରା 9 ର ନୀତିକୁ ସମଗ୍ର ଭାରତରେ ପ୍ରସାରିତ କରାଇବା ପାଇଁ ଏକ ଅଧିନିୟମ**

[11 ଅପ୍ରେଲ, 1850]

ଯେହେତୁ ବଙ୍ଗଳା ସଂହିତାର 1832ର ବିନିୟମ VII ର ଧାରା 9 ଦ୍ୱାରା ଅଧିନିୟମିତ ହୋଇଅଛି ଯେ "କୌଣସି ସିଭିଲ ମକଦ୍ଦମାରେ ଯେତେବେଳେ ସେହି ମକଦ୍ଦମାର ପକ୍ଷମାନେ ବିଭିନ୍ନ ମତାବଲମ୍ବୀ ହୋଇଥିବେ ଓ ଗୋଟିଏ ପକ୍ଷ ହିନ୍ଦୁ ଓ ଅନ୍ୟ ପକ୍ଷ ମୁସଲମାନ ମତାବଲମ୍ବୀ ହୋଇଥିବେ ବା ମକଦ୍ଦମାର ଏକ ବା ଏକାଧିକ ପକ୍ଷ ମୁସଲମାନ ବା ହିନ୍ଦୁ ମତାବଲମ୍ବୀ ହୋଇନଥିବେ ସେତେବେଳେ ସେହି ପକ୍ଷ ବା ପକ୍ଷମାନେ, ସେହି ଧର୍ମଗୁଡ଼ିକର ବିଧି କାର୍ଯ୍ୟକାରୀ ହୋଇନଥିଲେ ସେମାନେ ଯେଉଁ ସମ୍ପତ୍ତି ପାଇବା ପାଇଁ ହକଦାର ହୋଇଥାନ୍ତେ, ସେହି ସମ୍ପତ୍ତିକୁ ତାଙ୍କୁ ବା ସେମାନଙ୍କୁ ବଞ୍ଚିତ କରୁଥିବା ଉକ୍ତ ବିଧିକୁ କାର୍ଯ୍ୟକାରୀ ହେବାକୁ ଦିଆଯିବ ନାହିଁ"; ଏବଂ ଯେହେତୁ ଉକ୍ତ ଅଧିନିୟମର ନୀତିଗୁଡ଼ିକୁ ସମଗ୍ର ଭାରତରେ ପ୍ରସାରିତ କରାଯିବା ହିତକର ହେବ ; ତେଣୁ ଏହା ନିମ୍ନମତେ ଅଧିନିୟମିତ ହେଲା :—

ଧର୍ମ ପରିବର୍ତ୍ତନ କରିବା ବା ଜାତି ହରାଇବା ହେତୁ ଅଧିକାରକୁ ସମପହରଣ କରିବା ବା ପ୍ରଭାବିତ କରିବାର ବ୍ୟବସ୍ଥା କରୁଥିବା ବିଧି ବା ଚଳଣି ପ୍ରବୃତ୍ତ ହେବ ନାହିଁ ।

**1.** ଭାରତରେ ବର୍ତ୍ତମାନ ପ୍ରବୃତ୍ତ ଥିବା କୌଣସି ବିଧି ବା ଚଳଣିର ଯେଉଁ ଅଂଶ, କୌଣସି ବ୍ୟକ୍ତି କୌଣସି ଧର୍ମ ତ୍ୟାଗ କରିଥିବା କାରଣରୁ ବା ଧର୍ମ ସଂପ୍ରଦାୟରୁ ବହିଷ୍କୃତ ହୋଇଥିବା କାରଣରୁ ବା ବ୍ୟକ୍ତିଙ୍କର ଜାତିଚ୍ୟୁତ ଘଟିଥିବା କାରଣରୁ କୌଣସି ଅଧିକାର ବା ସମ୍ପତ୍ତି ସମପହରଣ ହେବାର ବ୍ୟବସ୍ଥା କରୁଥାଏ ବା ଉତ୍ତରାଧିକାର ସଂପର୍କରେ ତାଙ୍କର ଥିବା କୌଣସି ହକ୍ ଉପରେ ବାଧା ଜନ୍ମାଉଥାଏ ବା ତାହାକୁ ପ୍ରଭାବିତ କରୁଥାଏ ତାହା ନ୍ୟାୟାଳୟରେ ବିଧି ରୂପେ ପ୍ରବୃତ୍ତ ହୋଇ ଆଉ ରହିବ ନାହିଁ ।

ସଂକ୍ଷିପ୍ତ ନାମ ଓ ବିସ୍ତାର ।

**2.** (1) ଏହି ଅଧିନିୟମଟି ଜାତିଗତ ନିର୍ଯୋଗ୍ୟତା ଅପସାରଣ ଅଧିନିୟମ, 1850 ନାମରେ ଅଭିହିତ ହେବ ।

(2) ଏହା ଜମ୍ମୁ ଓ କାଶ୍ମୀର ରାଜ୍ୟ ଭିନ୍ନ ସମଗ୍ର ଭାରତରେ ବିସ୍ତାରିତ ।